# ନିଯୁକ୍ତି ବିଜ୍ଞାପନ

ଏସ୍.ଆଇ, ଡେପୁଟି ସୁବେଦାର, ସରଜେଣ୍ଟ, ବା ସମତୁଲ୍ୟ ଅବସର ପ୍ରାପ୍ତ ପୋଲିସ୍ ଅଫିସର, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀର ଅଫିସର, ପୂର୍ବତନ ସୈନିକ ବ୍ୟକ୍ତିବିଶେଷଙ୍କ ପାଇଁ ୫୪ (ଚଉବନ) ଗୋଟି ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ଚୁକ୍ତିଭିତ୍ତିକ ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତଗୁଡିକ ନିମ୍ନଲିଖିତ ପୋଲିସ ଆଇ.ଜି/ ଡି.ଆଇ.ଜିଙ୍କ କାର୍ଯ୍ୟାଳୟରେ ତା.୨୦.୦୧.୨୦୨୧ରିଖ ଅପରାହ୍ନ ୫.୩୦ ଘଟିକା ସୁଦ୍ଧା କିମ୍ବା ପୂର୍ବରୁ ପହଞ୍ଚିବା ଉଚିତ । ତ୍ରୁଟିପୂର୍ଣ୍ଣ ଦରଖାସ୍ତ କିମ୍ବା ଦରଖାସ୍ତଗୁଡିକ ନିର୍ଦ୍ଧାରିତ ତାରିଖ ପରେ ଆସି ପହଞ୍ଚିଲେ ଗ୍ରହଣ ଯୋଗ୍ୟ ହେବନାହିଁ ।

| କ୍ରମିକ ସଂଖ୍ୟା | ରେଞ୍ଜ ଅଫିସର ଠିକଣା | ଖାଲି ଥିବା ପଦବୀର ସଂଖ୍ୟା |
|---|---|---|
| ୧. | ପୋଲିସ ଡି.ଆଇ.ଜି କେନ୍ଦ୍ରାଞ୍ଚଳ, କଟକ | ୯ |
| ୨. | ପୋଲିସ ଡି.ଆଇ.ଜି ଉତ୍ତର-କେନ୍ଦ୍ରାଞ୍ଚଳ, ତାଳଚେର | ୧୭ |
| ୩. | ପୋଲିସ ଆଇ.ଜି. ପୂର୍ବାଞ୍ଚଳ, ବାଲେଶ୍ୱର | ୩ |
| ୪. | ପୋଲିସ ଡି.ଆଇ.ଜି ଉତ୍ତରାଞ୍ଚଳ, ସମ୍ବଲପୁର | ୧୮ |
| ୫. | ପୋଲିସ ଡି.ଆଇ.ଜି ପଶ୍ଚିମାଞ୍ଚଳ, ରାଉରକେଲା | ୭ |
| | ସମୁଦାୟ | ୫୪ |

(୧).ଯୋଗ୍ୟତା:- ସ୍ପେଶାଲ ପୋଲିସ୍ ଅଫିସର ( ଏସ୍.ପି.ଓ) ମନୋନୟନ ପାଇଁ ପରୀକ୍ଷା ଦେବା ନିମନ୍ତେ ଅବସର ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କର ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ-

(କ) ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

(ଖ) ପ୍ରାର୍ଥୀଙ୍କର ବୟସ ବିଜ୍ଞାପନ ପ୍ରକାଶିତ ତାରିଖ ସୁଦ୍ଧା ୬୨ ବର୍ଷରୁ ଅଧିକ ହୋଇନଥିବ ।

(ଗ)ସେ ଓଡିଆ ଭାଷା କହିପାରୁଥିବେ, ପଡିପାରୁଥିବେ ଓ ଲେଖିପାରୁଥିବେ ।

(ଘ) ଅକଳଙ୍କିତ ଚାକିରି ଦଲିଲ ଥିବ ।

(ଙ) ପ୍ରାର୍ଥୀ କୌଣସି ଫୌଜଦାରୀ ମୋକଦ୍ଦମାରେ ଦଣ୍ଡିତ ହୋଇ ନଥିବେ ବା ନିଜର ଚାକିରୀକାଳରେ ବିଭାଗ ତରଫରୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନରେ କୌଣସି ଗୁରୁତର ଦଣ୍ଡରେ ଦଣ୍ଡିତ ହୋଇନଥିବେ ।

(ଚ) ପ୍ରାର୍ଥୀ କୌଣସି ଫୌଜଦାରୀ ମୋକଦ୍ଦମାରେ ସଂପୃକ୍ତ ନଥିବେ ।

(ଛ) ବିବାହିତ ହୋଇଥିଲେ ତାଙ୍କର ଏକାଧିକ ପତ୍ନୀ ନଥିବେ ।

(ଜ)ଓଡିଶା ପୋଲିସ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ, ସୈନ୍ୟବାହିନୀରେ ଏସ୍.ଆଇ., ଡେପୁଟି ସୁବେଦାର, ସରଜେଣ୍ଟ ପଦବୀରେ କାର୍ଯ୍ୟ କରିଥିବେ ।

ଆବେଦନକାରୀ ଏକ ବର୍ଷ ପୁନଃ-ନିଯୁକ୍ତି ପାଇଁ ଚୁକ୍ତିପତ୍ର ସମ୍ପାଦନା କରିବେ । ସନ୍ତୋଷଜନକ କାର୍ଯ୍ୟ ଏବଂ ଆବଶ୍ୟକତା ଦୃଷ୍ଟିରୁ ଚୁକ୍ତିକୁ ପରିବର୍ଦ୍ଧିତ କରାଯାଇପାରେ । ୬୪ ବର୍ଷ ବୟସ ପରେ କୌଣସି ପ୍ରାର୍ଥୀଙ୍କୁ ପୁନଃ ନିଯୁକ୍ତି ଦିଆଯାଇପାରିବ ନାହିଁ ।

(୨). ପାରିଶ୍ରମିକ ହାର- ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ମାନଙ୍କର ନିଯୁକ୍ତି ପରେ ପ୍ରାର୍ଥୀ ମାନଙ୍କୁ ନିର୍ଦ୍ଧାରିତ ମାସିକ ପାରିଶ୍ରମିକ ପ୍ରଦାନ କରାଯିବ-

(କ)ଅବସରପ୍ରାପ୍ତ ସବ-ଇନିସପେକଟର/ଡେପୁଟି ସୁବେଦାର/ସରଜେଣ୍ଟ ବା ସମତୁଲ୍ୟ ପଦବୀ- ଟ.୧୭,୦୦୦/-

(୩).ଭତ୍ତା-ସ୍ପେଶାଲ ପୋଲିସ୍ ଅଫିସର ( ଏସ୍.ପି.ଓ) ନିଯୁକ୍ତିରେ ପ୍ରାର୍ଥୀ ମାନଙ୍କୁ ନିମ୍ନଲିଖିତ ଭତ୍ତା ପ୍ରଦାନ କରାଯିବ ।

(କ) ପୋଷାକପତ୍ର ସଫାସୁତୁରା ଭତ୍ତା -ଟ.୭୫/- ମାସିକ

(ଖ) ପୋଷାକ ଭତ୍ତା -ଟ.୩୮୫୬/- ବାର୍ଷିକ

(୪).ତାରିଖ ଏବଂ ନିଯୁକ୍ତି ପରୀକ୍ଷା ସ୍ଥାନ-ନିଯୁକ୍ତି ପରୀକ୍ଷା ସଂପୃକ୍ତ ଆଇ.ଜି/ଡି.ଆଇ.ଜିଙ୍କ କାର୍ଯ୍ୟାଳୟ ଠିକଣାରେ ଆସନ୍ତା ତା.୨୭.୦୧.୨୦୨୧ ରିଖ ସକାଳ ୬.୩୦ ଘଟିକା ସମୟରେ ଅନୁଷ୍ଠିତ ହେବ । ନିଯୁକ୍ତି ପରୀକ୍ଷା ସମୟରେ ପ୍ରମାଣପତ୍ରର ତନଖି, ଡାକ୍ତରୀ ପରୀକ୍ଷା, ଶାରୀରିକ ପରୀକ୍ଷା ଏବଂ ବ୍ୟକ୍ତିତ୍ୱ ପରୀକ୍ଷା ଅନୁଷ୍ଠିତ ହେବ ।

(୫). ଡାକ୍ତରୀ ପରୀକ୍ଷା- ମେଡିକାଲ ବୋର୍ଡ ଦ୍ୱାରା ପ୍ରାର୍ଥୀ ମାନଙ୍କର ଶାରୀରିକ ସୁସ୍ଥତା ପରୀକ୍ଷା କରାଯିବ ଏବଂ ମେଡିକାଲ ବୋର୍ଡର ନିଷ୍ପତ୍ତି ଚୂଡାନ୍ତ ହେବ । ଯେଉଁ ପ୍ରାର୍ଥୀ ମାନେ ଶାରୀରିକ ସୁସ୍ଥତା ପରୀକ୍ଷାରେ ଅକୃତକାର୍ଯ୍ୟ ହେବେ, ସେମାନେ ନିଯୁକ୍ତି ପ୍ରକ୍ରିୟାରୁ ବାଦ ପଡିବେ । କେବଳ ଯେଉଁ ପ୍ରାର୍ଥୀମାନେ ଶାରୀରିକ ସୁସ୍ଥତା ପରୀକ୍ଷାରେ କୃତକାର୍ଯ୍ୟ ହେବେ ସେମାନେ ନିଯୁକ୍ତି ପ୍ରକ୍ରିୟାର ପରବର୍ତ୍ତୀ ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ।

(୬). ଶାରୀରିକ ପରୀକ୍ଷା- ପ୍ରାର୍ଥୀ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ହୋଇଥିବେ । ଦିନ ବା ରାତି କଠିନ ପରିଶ୍ରମ କରି ୮ ଘଣ୍ଟା କ୍ଷେତ୍ର ଡ୍ୟୁଟି କରିପାରିବାର ଦକ୍ଷତା ଥିବା

ଦରକାର । ଶାରୀରିକ କ୍ଷମତା ଏବଂ କ୍ଷେତ୍ର ଡ୍ୟୁଟି ପରିଚାଳନା ଦକ୍ଷତା ମାପିବା ପାଇଁ ଏକ ଶାରୀରିକ ପରୀକ୍ଷା ଦେବାକୁ ପଡିବ । ପ୍ରାର୍ଥୀମାନଙ୍କୁ ୫କି.ମି ଦୂରତା ପାଦରେ ଅତିକ୍ରମ ପାଇଁ ୧ଘଣ୍ଟା ସମୟ ଦିଆଯିବ । ଯେଉଁମାନେ ନିର୍ଦ୍ଧାରିତ ସମୟ ଭିତରେ ପହଞ୍ଚିବାରେ ଅକୃତକାର୍ଯ୍ୟ ହେବେ ସେମାନେ ନିଯୁକ୍ତି ପ୍ରକ୍ରିୟାରୁ ବାଦ ପଡିବେ ।

(୭).<u>ବ୍ୟକ୍ତିତ୍ୱ ପରୀକ୍ଷା-</u> ଯେଉଁ ପ୍ରାର୍ଥୀମାନେ ଡାକ୍ତରୀ ପରୀକ୍ଷା ଏବଂ ଶାରୀରିକ ପରୀକ୍ଷାରେ କୃତକାର୍ଯ୍ୟ ହେବେ, ସେମାନେ ସିଲେକ୍ସନ ବୋର୍ଡ ଆଗରେ ବ୍ୟକ୍ତିତ୍ୱ ପରୀକ୍ଷା ଦେବେ । ସିଲେକ୍ସନ ବୋର୍ଡ ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ବା କର୍ମଚାରୀ ପାଇଁ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବେ ।

ଯେଉଁମାନେ ପୁନଃ ନିଯୁକ୍ତି ପାଇବେ ସେମାନେ ପୋଲିସ ମହାନିର୍ଦ୍ଦେଶକ ତଥା ପୋଲିସ୍ ମହାନିରୀକ୍ଷକ, ଓଡିଶାଙ୍କ ପ୍ରସ୍ତାବିତ ପୋଷାକ ଓ ପରିଚୟ ଫଳକ ପିନ୍ଧିବେ ।

(୮).<u>ପ୍ରାର୍ଥୀମାନେ ନିମ୍ନଲିଖିତ ପ୍ରମାଣପତ୍ର ସାଙ୍ଗରେ ଦେବେ-</u>

ପ୍ରାର୍ଥୀ ମାନେ ନିମ୍ନଲିଖିତ ନିଜ ଦ୍ୱାରା ସ୍ୱାକ୍ଷର ହୋଇଥିବା ପ୍ରମାଣପତ୍ରର ନକଲ ନିଯୁକ୍ତି ଦରଖାସ୍ତ ସହ ଦାଖଲ କରିବେ ।

(କ) ନିଜ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାକ୍ଷର ହୋଇଥିବା ଦୁଇଗୋଟି ପାସ୍‌ପୋର୍ଟ ସାଇଜର ଫଟୋଗ୍ରାଫ ।

(ଖ) ନିଜ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାକ୍ଷର ହୋଇଥିବା ଶିକ୍ଷା ଓ ବୟସ ସମ୍ବନ୍ଧୀୟ ପ୍ରମାଣପତ୍ର ।

(ଗ) ନିଜ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାକ୍ଷର ହୋଇଥିବା କର୍ମଚ୍ୟୁତ ପ୍ରମାଣପତ୍ର ।

(ଘ)ଦୁଇଜଣ ଗ୍ରୁପ-ବି ଗେଜେଟେଡ୍ ଅଫିସରଙ୍କ ଦ୍ୱାରା ସ୍ୱାକ୍ଷର ହୋଇଥିବା ଦୁଇଗୋଟି ଚରିତ୍ରଗତ ପ୍ରମାଣପତ୍ର ।

ଆବେଦନକାରୀ ନିମ୍ନଲିଖିତ ନିର୍ଦ୍ଧାରିତ ଫର୍ମରେ ସମ୍ପୂର୍ଣ୍ଣ ଏବଂ ସଠିକ ଭାବରେ ପୂରଣ କରିବା ସହିତ ଆବଶ୍ୟକୀୟ କାଗଜପତ୍ର ପଠାଇବେ । ଯଦି କୌଣସି ପ୍ରାର୍ଥୀ ନିର୍ଦ୍ଧାରିତ ଫର୍ମ ଅସମ୍ପୂର୍ଣ୍ଣ ଭାବରେ କିମ୍ବା ନିର୍ଦ୍ଧାରିତ ସମୟସୀମା ପରେ ଦାଖଲ କରିବେ ସେଗୁଡିକ ବିଚାର ଯୋଗ୍ୟ ହେବନାହିଁ ।

ପ୍ରାର୍ଥୀ ଆବେଦନ ଫର୍ମ ଓ ତତ୍ ସହିତ ବିଶଦ ବିବରଣୀ ଓଡିଶା ପୋଲିସ ୱେବ ସାଇଟ୍ **www.odishapolice.gov.in** ରୁ ପାଇପାରିବେ ।

ପୋଲିସ ମହାନିର୍ଦ୍ଦେଶକ, ଓଡିଶାଙ୍କ ନିର୍ଦ୍ଦେଶକ୍ରମେ ।

ଏସ.ପ୍ରବିଣ କୁମାର

ଆରକ୍ଷୀ ମହାନିରୀକ୍ଷକ (କାର୍ମିକ),
ଓଡିଶା, କଟକ

ଅବସର ପ୍ରାପ୍ତ ଏସ୍.ଆଇ / ଡେପୁଟି ସୁବେଦାର/ ସରଜେଣ୍ଟ ବା ସମତୁଲ୍ୟ ଅବସରପ୍ରାପ୍ତ ପୋଲିସ୍ ଅଫିସର/ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀର ଅଫିସର/ ପୂର୍ବତନ ସୈନିକ ବ୍ୟକ୍ତି ବିଶେଷଙ୍କ ପାଇଁ ଖାଲିଥିବା ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ଚୁକ୍ତିଭିତ୍ତିକ ପଦବୀ ପୂରଣ ନିମନ୍ତେ ଦରଖାସ୍ତ ଫର୍ମ।

*******

(କ)

୧.ସମ୍ପୂର୍ଣ୍ଣ ନାମ-

୨.ଲିଙ୍ଗ-

୩.ପିତା ବା ସ୍ୱାମୀଙ୍କ ନାମ-

୪.ବର୍ତ୍ତମାନର ଠିକଣା- (ପତ୍ରାଳାପ ପାଇଁ)-

୫.ସମ୍ପୂର୍ଣ୍ଣ ସ୍ଥାୟୀ ଠିକଣା-

୬.ଜନ୍ମ ତାରିଖ-

୭. ବୟସ ବିଜ୍ଞାପନ ପ୍ରକାଶିତ ତାରିଖ ସୁଦ୍ଧା- ଦିନ----ମାସ----ବର୍ଷ ----

୮.ଶିକ୍ଷାଗତ ଯୋଗ୍ୟତା-

୯.ଅବସର ଗ୍ରହଣ ପୂର୍ବରୁ ଅଳଙ୍କୃତ ପଦବୀ-

୧୦.କେଉଁ ସଂଗଠନ ବା ବିଭାଗରୁ ଅବସର ଗ୍ରହଣ କରିଥିଲେ ।

୧୧.ବିଗତ ତିନି ନିଯୁକ୍ତିର ବିବରଣୀ, ତାରିଖ ଓ ସମୟ-

୧୨.ଅବସର ଗ୍ରହଣ ତାରିଖ-

୧୩.ଜାତୀୟତା-

୧୪.ଓଡିଆ କହି, ଲେଖି ଏବଂ ପଡିପାରୁଛନ୍ତି କି?-

୧୫.ବର୍ଗ-( ସାଧାରଣ ବର୍ଗ/ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି)-

୧୬.ଚାକିରୀ କାଳ ମଧ୍ୟରେ କୌଣସି ଫୌଜଦାରୀ ମୋକଦ୍ଦମା, ଭିଜିଲାନ୍ସ ଅନୁସଂଧାନ/ମୋକଦ୍ଦମା ଏବଂ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଥିଲା କି? ଯଦି ହଁ, ତେବେ ଦୋଷୀ ସାବ୍ୟସ୍ତ ଓ ଦଣ୍ଡ ବିଧାନ କରାଯାଇଛି କି କିମ୍ବା ବର୍ତ୍ତମାନ ସୁଦ୍ଧା ତଦନ୍ତାଧିନ ଅଛି କି। ତେବେ ତାହାର ସବିଶେଷ ବିବରଣୀ।

୧୭. ଚାକିରୀ କାଳ ମଧ୍ୟରେ ପାଇଥିବା ପୁରସ୍କାର ଏବଂ ଦଣ୍ଡର ବିଶଦ ବିବରଣୀ (ଉପର ବ୍ୟତୀତ)-

୧୮.ଅବସର ପରେ ଅଳଂକୃତ କରିଥିବା ପଦବୀର ବିବରଣୀ (ଯଦି କିଛି ଥାଏ)-
୧୯. ଶାରୀରିକ ମାପ: ଉଚ୍ଚତା- ଓଜନ-
୨୦.ମୋବାଇଲ ନଂ-
୨୧.ଅନ୍ୟ କିଛି ତଥ୍ୟ ଦେବାକୁ ଚାହୁଁଥିଲେ-

(ଖ) **ଘୋଷଣା**

ମୁଁ ଶ୍ରୀ........................................................................
ପିତା..............................ଗ୍ରାମ........................................
ପୋ:ଅ..............................ଥାନା........................................
ଜିଲ୍ଲା..................................................ଏତଦ୍ୱାରା ଘୋଷାଣା କରୁଅଛି କି, ଉପୋରକ୍ତ ତଥ୍ୟ ଗୁଡିକ ମୋର ଜ୍ଞାତସାର ଅନୁସାରେ ସଂପୂର୍ଣ୍ଣ ସତ୍ୟ ଅଟେ। ଏଥିମଧ୍ୟରୁ କୌଣସି ସମୟରେ କୌଣସି ତଥ୍ୟ ଅସତ୍ୟ ପ୍ରମାଣିତ ହେଲେ କୌଣସି କାରଣ ନ ଦର୍ଶାଇ ମୋର ଚୁକ୍ତି ବାତିଲ କରାଯିବ।

ସ୍ଥାନ-
ତାରିଖ-

ଆବେଦନକାରୀଙ୍କ ସଂପୂର୍ଣ୍ଣ ସ୍ୱାକ୍ଷର

(ଗ) ସ୍ପେଶାଲ ପୋଲିସ୍ ଅଫିସର ( ଏସ୍.ପି.ଓ) ଚୁକ୍ତିଭିତ୍ତିକ ପଦବୀରେ ନିଯୁକ୍ତି ନିମନ୍ତେ ଉଦ୍ଦିଷ୍ଟ ଶାରୀରିକ ପରୀକ୍ଷାରେ ଅଂଶ ଗ୍ରହଣ କରିବା ନିମନ୍ତେ ଘୋଷାଣା।

ମୁଁ
ଶ୍ରୀ..........................................................................

ପିତା....................................ଗ୍ରାମ...................................

ପୋ:ଅ..............................ଥାନା........................................

ଜିଲ୍ଲା..................................................ଏତଦ୍ୱାରା ଘୋଷାଣା କରୁଅଛି

କି, ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ଚୁକ୍ତିଭିତ୍ତିକ ପଦବୀରେ ନିଯୁକ୍ତି ନିମନ୍ତେ

ଉଦ୍ଦିଷ୍ଟ ଶାରୀରିକ ପରୀକ୍ଷାରେ ଅଂଶ ଗ୍ରହଣ କରିବା ପାଇଁ ସଂପୂର୍ଣ୍ଣ ସକ୍ଷମ ଓ ସୁସ୍ଥ। ପରୀକ୍ଷା ହେବା ସମୟରେ ମୁଁ କୌଣସି ଶାରୀରିକ ଆଘାତପ୍ରାପ୍ତ ହେଲେ କିମ୍ବା ଦୁର୍ଘଟଣାଗ୍ରସ୍ତ ହେଲେ ସେଥିପାଇଁ ସଂପୃକ୍ତ କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ।

ସ୍ଥାନ-

ତାରିଖ-

ଆବେଦନକାରୀଙ୍କ ସଂପୂର୍ଣ୍ଣ ସ୍ୱାକ୍ଷର